ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଏପ୍ରିଲ ୨୦୨୩

## ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୨୭।୪(ଡି.ଏନ.ଏ)- କିଶୋରନଗର ବ୍ଲକ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ବଡ଼ ଗୋବିନ୍ଦପୁର ଗ୍ରାମର ବାବୁଲା ସାହୁ ଏବଂ ପାପସରା ଗ୍ରାମର ଶୁକ୍ରୁ ସାହୁଙ୍କୁ ଗିରଫ କରାଯାଇଛି। ବଇଣ୍ଡା ଅବକାରୀ ଅଧିକାରୀ ରଞ୍ଜିତା ହରିଚନ୍ଦନଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।



## ସଂକ୍ଷେପରେ

### ମା'ଙ୍କୁ ଆକ୍ରମଣ, ପୁଅ ଗିରଫ

ଅନୁଗୋଳ ଅଫିସ, ୨୭।୪: ଅନୁଗୋଳ ଜିଲା ତାଳଚେର ବ୍ଲକ କୋଲିୟରୀ ଥାନା ପୋଲିସ ମା'ଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୁଅ ଚାଳଗଡ଼ ଅଞ୍ଚଳର ବାପି ବେହେରା(୨୨)ଙ୍କୁ ଗିରଫ କରିଛି। ବାପା ଜିତୁ ବେହେରାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ନଂ. ୨୨୭/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପୋଲିସ କହିଛି, ବାପି ତାଙ୍କ ଭଉଣୀ ଓ ସାନ ଭାଇଙ୍କୁ ଗାଳିଗୁଲଜ କରିଥିଲେ। ମା' ପ୍ରତିବାଦ କରିବାକୁ ଏକ ଭୁଜାଲିରେ ସେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା।

### ସାପ୍ତାହିକ ହାଟରୁ ଗାଡ଼ି ଚୋରି

ଅନୁଗୋଳ ଅଫିସ, ୨୭।୪: ଅନୁଗୋଳ ଜିଲା ଜରପଡ଼ା ଥାନା ମରାଡିରା ସାପ୍ତାହିକ ହାଟରୁ ଏକ ମୋଟର ସାଇକେଲ ଚୋରି ହୋଇଛି। ଏ ନେଇ ତୁବେ ଅଞ୍ଚଳର ଭୋଳେଶ୍ୱର ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଭୋଳେଶ୍ୱର ମଙ୍ଗଳବାର ମରାଡିରା ହାଟରେ ବାଇକ୍ (ନଂ. ଓଡି୧୯ଏନ୍-୬୦୦୧) ରଖି ହାଟ କରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ମୋଟର ସାଇକେଲକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜାଣି ଥାନରେ ଲିଖିତ ଅଭିଯୋଗ କରିଥିଲେ।

# ପୌରାଞ୍ଚଳରେ ଖର୍ଚ୍ଚ ହେବ ୪୨ କୋଟି

- ଅନୁଗୋଳ ପୌରପରିଷଦର ବଜେଟ
- ମିଶନଶକ୍ତି, ବସ୍ତି ବାସିନ୍ଦାଙ୍କୁ ଅଧିକ ଗୁରୁତ୍ୱ
- ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣରେ ରେକର୍ଡ

ଅନୁଗୋଳ ଅଫିସ, ୨୭।୪

ଅନୁଗୋଳ ପୌର ପରିଷଦ ବୈଠକରେ ଗୁରୁବାର ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯାଇଛି। ଚଳିତ ବର୍ଷ ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ୪୨ କୋଟି ୨୧ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ତେବେ ବିଭିନ୍ନ କ୍ଷେତ୍ରରୁ ୪୨ କୋଟି ୧୧ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯିବ ବୋଲି ଆକଳନ କରାଯାଇଛି। ଏଥିସହ ଟିକସ ଆଦାୟ କରିବାରେ ଅନୁଗୋଳ ପୌରପାଳିକା ସର୍ବକାଳୀନ ରେକର୍ଡ କରିଛି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟର ୯୭ ପ୍ରତିଶତ ରାଜସ୍ୱ ଆଦାୟ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।

ଅନୁଗୋଳ ପୌରାଞ୍ଚଳରେ ଚଳିତବର୍ଷ ଯେତିକି ରାଜସ୍ୱ ଆଦାୟ କରାଯିବ, ତାହାଠାରୁ ଅଧିକ ଅର୍ଥ ଉନ୍ନୟନ ପାଇଁ ବ୍ୟୟ କରାଯିବ। ବିଶେଷକରି ମିଶନଶକ୍ତି ଓ ବସ୍ତି ବାସିନ୍ଦାଙ୍କୁ ଏହି ବଜେଟରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମିଶନ ଶକ୍ତିର ମହିଳାମାନେ ବିଭିନ୍ନ ପ୍ରକଳ୍ପ କରିବେ। ଏଥିରେ ପରିମଳ ସହ ଅନ୍ୟାନ୍ୟ କାର୍ଯ୍ୟ ରହିବ। ସେହିଭଳି ବସ୍ତି ବାସିନ୍ଦାଙ୍କୁ ମଧ୍ୟ ଖୁସି କରିବାକୁ ଅନୁଗୋଳ ପୌରପାଳିକା ପକ୍ଷରୁ ଧ୍ୟାନ ଦିଆଯାଇଛି। ଏଥିସହ ସ୍ମାର୍ଟ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ସହ ସ୍ମାର୍ଟ ପାର୍କର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୌରାଞ୍ଚଳରେ ଠିକା କାର୍ଯ୍ୟ ପାଇଁ ଠିକାଦାରମାନେ ଏଥର ମାଟି, ବାଲି ଆଦି ଲଘୁ ଖଣିଜ ଦ୍ରବ୍ୟ କଣିବା ସହ ବିଲ୍ ପୈଠ କରିବେ। ନଚେତ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଅମଲାପଡାସ୍ଥିତ କଲ୍ୟାଣ ମଣ୍ଡପକୁ ନିଲାମରେ ଦିଆଯିବ। ପୌରପାଳିକା ଟାଉନ ହଲ୍‌କୁ ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ କରାଯିବା ସହ ଭଡା ମଧ୍ୟ ବୃଦ୍ଧି କରାଯିବ। ଅନୁଗୋଳ ସହରରେ ଇ- ରିକ୍ସା ଗଡିବ ବୋଲି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏଣିକି ରାତ୍ରି ଆଶ୍ରୟ ସ୍ଥଳରେ ରହଣି କଲେ ଅର୍ଥ ଦେବାକୁ ପଡିବ। ଟ୍ରେଡ ଲାଇସେନ୍ସ ଦେବାରେ ବିଳମ୍ବ ହେଲେ ଜରିମାନା ଆଦାୟ କରାଯିବ। ବରିଷ୍ଠ କାଉନସିଲର ସଦାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାଉନସିଲରମାନେ ଉପସ୍ଥିତ ଥିଲେ।


ପୌରପରିଷଦ ବୈଠକରେ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟମାନେ।

### କୁହାଳିଆ କାଉନସିଲରଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

ଅନୁଗୋଳ ପୌର ପରିଷଦ ବୈଠକରେ ବଜେଟ ଉପସ୍ଥାପନ ହେଲା। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମସ୍ତ କାଉନସିଲର ଉପସ୍ଥିତ ନ ଥିଲେ। ବିଶେଷକରି ପୂର୍ବ ବୈଠକଗୁଡ଼ିକରେ ମୁହଁ ଖୋଲିଥିବା କେତେଜଣ କାଉନସିଲର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ନେଇ ନାନା ଚର୍ଚ୍ଚା, ସମାଲୋଚନା ହୋଇଥିଲା। ସେହିପରି ଆଉ କେତେଜଣ କାଉନସିଲର ବୈଠକରେ ହାଜିରା ପକାଇ ଚାଲିଯାଇଥିଲେ। ସହର ପାଇଁ ବର୍ଷକର ଆୟ, ବ୍ୟୟ ସ୍ଥିର କରାଯାଉଥିବା ବେଳେ ସମ୍ପୃକ୍ତ କାଉନସିଲରମାନଙ୍କ ଏପରି ଅନୁପସ୍ଥିତିକୁ ନେଇ କେତେଜଣ କାଉନସିଲର ପ୍ରଶ୍ନ କରିଛନ୍ତି। ଏପରି କେତେଜଣ କୁହାଳିଆ କାଉନସିଲରଙ୍କ ପାଇଁ ଅନେକ ସମୟରେ ଅନ୍ୟମାନଙ୍କୁ ଅପଦସ୍ଥ ହେବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ରାଜସ୍ୱ ଠାରୁ ଅଧିକ ବ୍ୟୟ ହେବ



ଚଳିତବର୍ଷର ବଜେଟରେ ଯେତିକି ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଛି, ତାହାଠାରୁ ଅଧିକ ଅର୍ଥ ସହରର ଉନ୍ନତୀକରଣରେ ଖର୍ଚ୍ଚ କରାଯିବ। ଗତବର୍ଷ ରାଜସ୍ୱ ଆଦାୟରେ ସର୍ବକାଳୀନ ରେକର୍ଡ କରାଯାଇଛି। ଚଳିତବର୍ଷ ମଧ୍ୟ ରାଜସ୍ୱ ଆଦାୟ କ୍ଷେତ୍ରରେ ଅନୁଗୋଳ ସହରବାସୀଙ୍କ ସହଯୋଗ ମିଳିବ ବୋଲି ଆଶା କରାଯାଉଛି।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

### ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ



ଚଳିତବର୍ଷ ପୌର ବଜେଟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ବସ୍ତିବାସିନ୍ଦାଙ୍କ ଉନ୍ନତି ନିମନ୍ତେ ଅଧିକ ଅର୍ଥ ବ୍ୟବରାଦ ହୋଇଛି। ଏହା ବସ୍ତି ବାସିନ୍ଦାଙ୍କ ସମସ୍ୟା ସମାଧାନରେ ସହାୟକ ହେବ।

-ବଳରାମ ଜେନି, କାଉନସିଲର ୧୯ନଂ. ୱାର୍ଡ

### ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ



ବଜେଟରେ ଯେଉଁସବୁ ପ୍ରକଳ୍ପ କରାଯିବାକୁ ଲକ୍ଷ୍ୟ ରଖାଯାଇଛି, ତାହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା କଥା। ସେହିପରି ଉନ୍ନୟନ ହେଉଥିବା ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ରୋଜଗାର ପନ୍ଥା ବାହାର କଲେ ଭଲ ହେବ।

-ସରିତା ମିଶ୍ର, କାଉନସିଲର ୯ନଂ. ୱାର୍ଡ

### ଆୟ ଭଳି ବ୍ୟୟ ଉପରେ ଗୁରୁତ୍ୱ ଦିଆଯାଉ



ଅନୁଗୋଳ ପୌରପାଳିକାର ଆୟ ବଢ଼ାଇବା ପାଇଁ ଏବଂ ଟିକସ ଆଦାୟରେ ଶତପ୍ରତିଶତ ଲକ୍ଷ୍ୟ ହାସଲ ନିମନ୍ତେ ଯେପରି ଲକ୍ଷ୍ୟ ରଖାଯାଉଛି, ଠିକ୍ ସେହିପରି ଉନ୍ନୟନ କାର୍ଯ୍ୟରେ ହେଉଥିବା ବ୍ୟୟ ଉପରେ ଗୁରୁତ୍ୱ ଦିଆଯାଉ। ଟିକସ ଦେଉଥିବା ପ୍ରତିଟି ଲୋକଙ୍କୁ ମୌଳିକ ସୁବିଧା ମିଳିବା ଆବଶ୍ୟକ। ସହରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣରେ ଊଣା ନ ହେବା ଦରକାର।

-ଶ୍ରୀକାନ୍ତ ମାହାଳିକ, ପୌରାଞ୍ଚଳବାସୀ

## ଆକାଉଣ୍ଟରୁ ନେଇଗଲେ ୧ ଲକ୍ଷ

ଅନୁଗୋଳ ଅଫିସ, ୨୭।୪

ଅନୁଗୋଳ ଥାନା ତୁରଙ୍ଗ ଗାଁର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ସାଇବର ଲୁଟେରା ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସାଇବର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ତୁରଙ୍ଗ ଗାଁର ଜନକ ନାଏକ ବିବାହ ଶୋଭାଯାତ୍ରାରେ ବ୍ୟବହାର ହେଉଥିବା କିଛି ଲାଇଟ୍ ଗେଟ୍ ଉତ୍ତରପ୍ରଦେଶରୁ ମଗାଇଥିଲେ। ଏହା କୋରିଅରରେ ୨୦ ତାରିଖରେ ଆସିବାର ଥିଲା। ୨୦ ତାରିଖରେ ଜନକଙ୍କ ପୁଅ ପ୍ରଭାତ କୁମାର ନାଏକଙ୍କ ମୋବାଇଲକୁ ଏକ ଏସ୍ଏମ୍ଏସ୍ ଆସିଥିଲା। କୋରିଅର ଆସିଥିବାରୁ ୫ ଟଙ୍କା ପଠାଇବାକୁ ଏସ୍ଏମ୍ଏସ୍‌ରେ କୁହାଯାଇଥିଲା। ପ୍ରଭାତ ଏସ୍ଏମ୍ଏସ୍ ଆସିଥିବା ନମ୍ବରକୁ କଥା ହେବା ପରେ ଏକ ଲିଙ୍କରେ କ୍ଲିକ କରିଥିଲେ। ଏପରି କି ମୋବାଇଲ ନମ୍ବର ସହ ଆକାଉଣ୍ଟ ନମ୍ବର ଓ ୟୁପିଆଇ ପିନ୍ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୫ ଟଙ୍କା ଓ ପରେ ଏକ ଟଙ୍କା କଟିଯାଇଥିଲା। ତେବେ ୨୧ ତାରିଖରେ ତାଙ୍କ ଆକାଉଣ୍ଟରୁ ୫୦ ହଜାର ଓ ପୁଣି ଥରେ ୫୦ ହଜାର ଟଙ୍କା କଟିଗଲା। ପ୍ରଭାତ ଠକାମିର ଶିକାର ହୋଇଥିବା ଜାଣି ବ୍ୟାଙ୍କ ସହ ଯୋଗଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନ ପାଇବାରୁ ପ୍ରଭାତ ବୁଧବାର ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପାଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି।

## ବାଲ୍ୟବିବାହ ରୋକିବାକୁ ପରାମର୍ଶ



ବଇଣ୍ଡା,୨୭।୪(ଡି.ଏନ.ଏ.)

କିଶୋରନଗର ବ୍ଲକ କଣ୍ଟେଇକୋଳିଆ ଓ ନୁନୁକାପଶି ପଞ୍ଚାୟତରେ ଚାଇଲ୍ଡଲାଇନ ଅନୁଗୋଳ, କୈଳାଶ ସତ୍ୟାର୍ଥୀ ଚିଲ୍ଡ୍ରେନ ଫାଉଣ୍ଡେଶନ ଓ ବିଶ୍ୱ ଯୁବକେନ୍ଦ୍ର ତରଫରୁ ବାଲ୍ୟବିବାହ ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା ଓ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ବାଲ୍ୟ ବିବାହ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡ଼ିର ସୁପରଭାଇଜର ସତ୍ୟଲତା ପ୍ରଧାନ, ଚାଇଲ୍ଡଲାଇନର ସଦସ୍ୟା କମଳ ଲୋଚନ ସାହୁ, ଅଭିଷେକ ମହାପାତ୍ର ଉପସ୍ଥିତ ଥିଲେ। ବିବାହଯୋଗ୍ୟ ବିବେଚିତ ହୋଇ ନ ଥିବା ଝିଅ ଅବା ପୁଅ ଯଦି ବାଲ୍ୟ ସମୟରୁ ବିବାହ କରନ୍ତି ପରିସ୍ଥିତି ଜଟିଳ ହେବ ଏବଂ ଆଜିର ଶିକ୍ଷିତ ସମାଜରେ ଏହି ବାଲ୍ୟବିବାହ ଏକ ବ୍ୟାଧି ବୋଲି ଏହି ସଚେତନତା ସଭାରେ ମତପ୍ରକାଶ ପାଇଥିଲା।

## ନାବାଳିକାଙ୍କୁ ବିବାହ, ଯୁବକ ଗିରଫ

ଅନୁଗୋଳ ଅଫିସ, ୨୭।୪

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରି ବଡ଼ଦାଣ୍ଡ ସାହିର ସୌମ୍ୟଜିତ ମହାନ୍ତି(୨୩) ଗିରଫ ହୋଇଛନ୍ତି। ଏ ନେଇ ବନ୍ତଲା ଥାନାରେ ସଖୀ ସେଣ୍ଟର ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୧୮୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ସୁମିତ୍ରା ପାତ୍ର ସୂଚନା ଦେଇଛନ୍ତି।

## ଚାଉଳ ହେରଫେର ଅଭିଯୋଗର ତଦନ୍ତ

- ମୃତକଙ୍କ ନାମରେ ଉଠାଯାଉଥିଲା
- ରାଶନଧାରୀଙ୍କ କୋଟାରୁ କଟାଯାଉଥିଲା
- ସରପଞ୍ଚ କରିଥିଲେ ଅଭିଯୋଗ

ବଇଣ୍ଡା, ୨୭।୪ (ଡି.ଏନ.ଏ.)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତର ଜଣେ ଡିଲର ରାଶନକାର୍ଡଧାରୀଙ୍କ ଚାଉଳରେ ହେରଫେର କରୁଥିବା ନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଆଠମଲ୍ଲିକ ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ସହକାରୀ ଜିଲାପାଳ ସୁଜିତ କୁମାର ଭୋଇ, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାଶିଷ ଜେନା ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଛନ୍ତି।

ପ୍ରକାଶ ଯେ, ପେଡିପଥର ସରପଞ୍ଚ ଭରତ ଚନ୍ଦ୍ର ସାହୁ ପଞ୍ଚାୟତର ଜଣେ ଡିଲରଙ୍କ ବିରୋଧରେ ସୋମବାର ଗୁରୁତର ଅଭିଯୋଗ ଆଣିଥିଲେ। ଅଭିଯୋଗପତ୍ରରେ ସରପଞ୍ଚ ଉଲ୍ଲେଖ କରିଥିଲେ, ପେଡିପଥର ପଞ୍ଚାୟତର ଜଣେ ଡିଲର ରାଜନେତାଙ୍କ ଠାରୁ ସୁରକ୍ଷା ପାଇ ପ୍ରତ୍ୟେକ ମାସରେ ୧୫ କୁଇଣ୍ଟାଲ ଚାଉଳ ହେରଫେର କରୁଛନ୍ତି। ଅନେକ ରାଶନକାର୍ଡଧାରୀଙ୍କ ଠାରୁ ୫ କିଲୋ ଲେଖାଏ ଚାଉଳ କାଟି ଅନ୍ୟତ୍ର ବିକ୍ରି କରୁଛନ୍ତି। ଏପରି କି ମୃତ ବ୍ୟକ୍ତି ଓ ବିବାହ କରି ଶାଶୁଘର ଚାଲିଯାଇଥିବା ଝିଅଙ୍କ ନାମରେ ଚାଉଳ ଉଠାଣ କରି ସାପ୍ତାହିକ ହାଟରେ ବିକ୍ରି କରୁଛନ୍ତି। ସମ୍ପୃକ୍ତ ଡିଲରଙ୍କ ପରିବାର ନାମରେ ଅନ୍ତ୍ୟୋଦୟ କାର୍ଡ ଥିବାବେଳେ ସେ ପ୍ରତ୍ୟେକ ମାସରେ ୩୫ କିଲୋ ଲେଖାଏ ଚାଉଳ ବେଆଇନ ଭାବରେ ଉଠାଣ କରୁଛନ୍ତି। ରାଜନେତାଙ୍କ ବାହୁ ଛାୟା ତଳେ ରହି ଦୀର୍ଘ ୫ ବର୍ଷ ହେବ ଏଭଳି ବେଆଇନ କାରବାର କରୁଥିବା ବେଳେ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଛି। ହେଲେ ତାଙ୍କ ବିରୋଧରେ ତଦନ୍ତ କରାଯାଉ ନ ଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ଭିଜିଲାନ୍ସ ତଦନ୍ତ ନିମନ୍ତେ ଅନୁଗୋଳ ଜିଲାପାଳ, ରାଜ୍ୟ ଯୋଗାଣ ମନ୍ତ୍ରୀ, ଆଠମଲ୍ଲିକ ଉପ ଜିଲାପାଳ, ବିଡିଓ, ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାଶିଷ ଜେନା କହିଛନ୍ତି, ଉକ୍ତ ଚାଉଳ ହେରଫେର ଅଭିଯୋଗର ତଦନ୍ତ କରାଯାଇଛି। ଚାଉଳ ବେଆଇନ ଭାବରେ ଉଠାଣ ହୋଇଥିବା ଜଣାପଡିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନୂତନ ମଣ୍ଡପ, ବିଗ୍ରହ ପ୍ରତିଷ୍ଠା

କଣିହାଁ,୨୭।୪(ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ନିକଟସ୍ଥ ବିଜିଗୋଳ ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମରେ ଶନିଶ୍ଚର ଦେବଙ୍କ ନବନିର୍ମିତ ମଣ୍ଡପ ସହିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଗ୍ରାମରେ ଗତ ୨୨ ତାରିଖରୁ କର୍ମ ଆରମ୍ଭ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ କଳସ ଯାତ୍ରା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ମନ୍ମଥ ଗଡ଼ନାୟକ, ଶୁକ୍ଳତା ଗଡ଼ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ପୂର୍ଣ୍ଣଚନ୍ଦ୍ର ଦାସ, ମିନକେତନ ମିଶ୍ର ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ସାମାଜିକ କର୍ମୀ ସୁନୀଲ ପ୍ରଧାନ, ନିର୍ମଳ ସାହୁ, ବିଭୂତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।


ଶନିଶ୍ଚର ଦେବଙ୍କ ନବନିର୍ମିତ ମଣ୍ଡପ ସହିତ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଯଜ୍ଞ ଚାଲିଛି।

## ଫଟୋଗ୍ରାଫରଙ୍କୁ ତାଲିମ


ଫଟୋଗ୍ରାଫି ମାଷ୍ଟର କ୍ଲାସ୍‌ରେ ତାଲିମଦାତାଙ୍କ ସହ ଫଟୋଗ୍ରାଫରମାନେ।

ଅନୁଗୋଳ ଅଫିସ, ୨୭।୪

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସଦ୍‌ଭାବନା ମଣ୍ଡପଠାରେ ଫଟୋଗ୍ରାଫି ମାଷ୍ଟର କ୍ଲାସ୍ ଆୟୋଜିତ ହୋଇଯାଇଛି। ଫୁଜି ଫିଲ୍ମ କମ୍ପାନୀ ଓ ଅନୁଗୋଳ ଫଟୋଗ୍ରାଫର ଆସୋସିଏଶନର ମିଳିତ ସହଯୋଗରେ ଏହି ମାଷ୍ଟର କ୍ଲାସ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ଫଟୋଗ୍ରାଫର୍ ଯୋଗଦେଇ ଫଟୋଗ୍ରାଫିର କୌଶଳ ଓ ନୂତନ କ୍ୟାମେରାରେ ଆସୁଥିବା ଫିଚର ସମ୍ପର୍କରେ ଜାଣିବାକୁ ପାଇଥିଲେ। ମେଣ୍ଟର ଭାବେ ଫୁଜି ଫିଲ୍ମ ପକ୍ଷରୁ ବରିଷ୍ଠ ପ୍ରଶିକ୍ଷକ ଅନୁପ ଗୁହା ଯୋଗଦେଇ ଜିଲାର ଫଟୋଗ୍ରାଫରଙ୍କୁ ଫଟୋଗ୍ରାଫିର ନୂତନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଜିବୁର ରେହେମାନ, ସତ୍ୟ ଭାଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସଭାପତି ଦିଲୀପ କୁମାର ଧୀରସାମନ୍ତ, ଉପଦେଷ୍ଟା ଜୟକୃଷ୍ଣ ପାତ୍ର ଓ ଆଇନ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଅନନ୍ତ ନାୟକ, ସମ୍ପାଦକ ଦୀନବନ୍ଧୁ ସାହୁ, ଉପ ସଭାପତି ମନୋଜ ପାଳ, କୋଷାଧ୍ୟକ୍ଷ ଛବିଳ କୁମାର ସାହୁ ଓ ଗୋପାଳ ଚନ୍ଦ୍ର ସାହୁ, ଅମୀୟ ଜେନା, ରଘୁନାଥ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ଜେଲ

ଅନୁଗୋଳ ଅଫିସ, ୨୭।୪

ଲାଞ୍ଚ ନେଇ ଧରାପଡ଼ିଥିବା ରାଉରକେଲାର ପୂର୍ବତନ ତହସିଲଦାର କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁଗୋଳସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟ ଗୁରୁବାର ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲାର ପୂର୍ବତନ ତହସିଲଦାର ବେହେରା ଏକ ଲିଜ୍ ଜମି ବାତିଲ ନ କରିବାକୁ ରାମଦିନ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ମାମଲାର ବିଚାର ସୁନ୍ଦରଗଡ଼ ଜିଲାରେ ହେଉଥିବାବେଳେ ଆଇନଜୀବୀ ଆନ୍ଦୋଳନ ପାଇଁ ସେଠାରେ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ଭିଜିଲାନ୍ସ ଜଜ୍ ଅନୁପ ପଟ୍ଟନାୟକ ଉକ୍ତ ମାମଲାରେ ୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ପ୍ରମାଣ ଆଧାରରେ ଅଭିଯୁକ୍ତ ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଗଦାଧର ସାହୁ ପରିଚାଳନା କରିଥିଲେ।

## ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ହେଉ

ଅନୁଗୋଳ ଅଫିସ, ୨୭।୪

ସିଆଇଟିୟୁ ଅନୁଗୋଳ ଜିଲା କମିଟିର ଏକ ବୈଠକ ବୁଧବାର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବାକୁ ଦାବି କରାଯାଇଥିଲା।

ବୈଠକରେ ଉପସ୍ଥିତ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା କହିଥିଲେ, ଓଡ଼ିଶାର ଅଧିକାଂଶ ଶ୍ରମିକ ଘୋର ଦୟନୀୟ ସ୍ଥିତିରେ ରହୁଛନ୍ତି। ଦେଶର ୯୪% ଶ୍ରମିକ ମାସିକ ୧୦ ହଜାରରୁ କମ୍ ଟଙ୍କା ଆୟ କରିଥାନ୍ତି। ବଜାର ଦର ବଢ଼ିଚାଲିଥିବା ବେଳେ ଯାତାୟାତ ଖର୍ଚ୍ଚ, ଚିକିତ୍ସା ଓ ଶିକ୍ଷା ବାବଦ ବ୍ୟୟ ଉପରେ କୌଣସି କଟକଣା ନାହିଁ। ଏ ଦିଗରେ ଦୃଷ୍ଟି ଦେବା ପରିବର୍ତ୍ତେ କେନ୍ଦ୍ର ଭାଜପା ସରକାର ଶ୍ରମିକମାନଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ଭାବେ ଲୋପ କରିବା ସହିତ ଧର୍ମ ଓ ଜାତି ନାମରେ ଶ୍ରମିକ ଶ୍ରେଣୀକୁ ବିଭାଜିତ କରୁଛନ୍ତି। ସରକାରଙ୍କ ଭୁଲ୍ ନୀତି ଯୋଗୁ ଅନେକ ଲକ୍ଷ ଶ୍ରମିକ ରୋଜଗାର ହରାଇଛନ୍ତି। ତେଣୁ ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବାକୁ ସିଆଇଟିୟୁ ରାଜ୍ୟ ଉପସଭାପତି ଶର୍ମା ଦାବି କରିଛନ୍ତି। ଏଥିସହ ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ସେହି ଅନୁପାତରେ ବୃଦ୍ଧି କରିବାକୁ ସିଆଇଟିୟୁ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ, ଶ୍ରମ ସଚିବ, ଶ୍ରମ ଆୟୁକ୍ତ ଓ ସର୍ବନିମ୍ନ ମଜୁରି ପରାମର୍ଶଦାତା ବୋର୍ଡଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ପଟ୍ଟନାୟକ, ସୀତରାମ ପ୍ରଧାନ, ସୁବାସ ଚନ୍ଦ୍ର ସାହୁ, ଉପସଭାପତି ମହେନ୍ଦ୍ର ସାହୁ, ପ୍ରହଲ୍ଲଦ ନାଏକ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ଗୋବିନ୍ଦ ମହାଳିକ, ମଧୁସୂଦନ ନାଥ ଓ ତିଳକ ଭୂଷଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସିଆଇଟିୟୁ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ପ୍ରଶାସନକୁ ଖାତିର କରୁନାହିଁ ଏନ୍ଏଚ୍ଏଆଇ

**ଢେଙ୍କାନାଳ ଅଫିସ,୨୭।୪:** ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ ଓ ୧୪୯ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଛି। ଖାଲଖମାରେ ଭର୍ତ୍ତି ହୋଇଥିବା ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ପ୍ରତିବାଦରେ ଏମ୍ପି ମହେଶ ସାହୁଙ୍କ ଆହ୍ୱାନରେ ଗତ ୧୭ ତାରିଖରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଘଣ୍ଟିକିଆ ଅର୍ଥନୈତିକ ଅବରୋଧ ଡାକରା ଦିଆଯାଇଥିଲା। ନିକଟରେ ଜିଲାପାଳ ସରୋଜ କୁମାର ସେଠୀ ଜାତୀୟ ରାଜପଥ କାର୍ଯ୍ୟର ସମୀକ୍ଷା କରିବା ଆବଶ୍ୟକ ସ୍ଥାନରେ ମରାମତି ସାରିବାକୁ ଏନ୍ଏଚ୍ଏଆଇର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଗୋଟିଏ ସ୍ଥାନରେ ମାଟି ମୁଠାଏ ପଡ଼ିନାହିଁ। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ନିର୍ଦ୍ଦେଶକୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଖାତିର କରୁ ନ ଥିବା 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ କହିଛନ୍ତି। ଏନ୍ଏଚ୍ଏଆଇ ଅଧିକାରୀଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବନାହିଁ। ଏହାର ପ୍ରତିବାଦରେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ବିକ୍ରି ମାହାସୁଲରେ ଟେଣ୍ଡର ଫିକ୍ସିଂ

**ଭିଜିଲାନ୍ସ ତଦନ୍ତ ଦାବିକଲେ ପୂର୍ବତନ ନଗରପାଳ**

ଢେଙ୍କାନାଳ ଅଫିସ, ୨୭।୪



ଢେଙ୍କାନାଳ ପୌରସଂସ୍ଥାରେ ବିକ୍ରି ମାହାସୁଲ ଆଦାୟରେ ଟେଣ୍ଡର ଫିକ୍ସିଂ ହୋଇଥିବା ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ୨୦୧୭ରେ ପୌରାଞ୍ଚଳର ରାସ୍ତାକଡ଼ରେ ବସୁଥିବା ବ୍ୟବସାୟୀଙ୍କଠାରୁ ବିକ୍ରି ମାହାସୁଲ ଆଦାୟ ପାଇଁ ନିଲାମ ୧୧ ଲକ୍ଷ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇଥିଲା। ତେବେ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଏହି ନିଲାମ ହୋଇ ନ ଥିଲା। କେଉଁ କାରଣରୁ ନିଲାମ ଦିଆଗଲା ନାହିଁ ବୋଲି ପୂର୍ବତନ ନଗରପାଳ ମିଶ୍ର ପ୍ରଶ୍ନ କରିଛନ୍ତି। ନିର୍ବାଚନ ହୋଇ ନ ଥିବାରୁ ୪ବର୍ଷ ଧରି ପୌର ପରିଷଦ ଗଠନ ହୋଇ ନ ଥିଲା। ଜିଲାପାଳ ପୌରସଂସ୍ଥାର ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ଏହି ସମୟ ମଧ୍ୟରେ ପୌରାଞ୍ଚଳରେ ବିଭିନ୍ନ ବେନିୟମ କାର୍ଯ୍ୟ ହୋଇଛି। ଏଥିରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ରାସ୍ତାକଡ଼ରେ ବସୁଥିବା ବ୍ୟବସାୟୀଙ୍କଠାରୁ ବିକ୍ରି ମାହାସୁଲ ଆଦାୟ ପାଇଁ ନିଲାମ ହୋଇ ନ ଥିବାବେଳେ ପୌର କର୍ମଚାରୀମାନେ ଟଙ୍କା ଆଦାୟ କରିଛନ୍ତି। ହେଲେ ଉକ୍ତ ଅର୍ଥ ପୌର ତହବିଲରେ ଦାଖଲ ହୋଇଛି କି ନାହିଁ, ତାହା ଏବେ ରହସ୍ୟ ଘେରରେ। ଅନ୍ୟପଟେ ଜାଲ ରସିଦ୍‌ରେ କେତେଜଣ କର୍ମଚାରୀ ଏହି ଟଙ୍କା ଆଦାୟ କରି ଆତ୍ମସାତ୍ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ପୂର୍ବତନ ନଗରପାଳ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୨ରେ ନୂତନ ପୌର ପରିଷଦ ଗଠନ ପରେ ଉଠା ଦୋକାନୀଙ୍କଠାରୁ ବିକ୍ରି ମାହାସୁଲ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ମାତ୍ର ୯ ଲକ୍ଷ ୭୧ ହଜାର ଟଙ୍କା ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଟେଣ୍ଡର ଦିଆଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ କେବଳ ଗୋଟିଏ ପରିବାରର ବାପପୁଅ ଭାଗ ନେଇଥିଲେ। ନିୟମ ଅନୁଯାୟୀ ପୂର୍ବବର୍ଷର ନିଲାମ ଟଙ୍କାଠାରୁ ନୂତନ ପ୍ରକ୍ରିୟାରେ କମ୍ ଟଙ୍କାରେ ନିଲାମ ଡକାଗଲେ ଏହାକୁ ଗ୍ରହଣ କରାଯାଇ ନ ଥାଏ। ପୁନର୍ବାର ଟେଣ୍ଡର ହୋଇଥାଏ। ପୂର୍ବ ନିଲାମ ଟଙ୍କାକୁ ନଜରରେ ରଖି ସର୍ବନିମ୍ନ ବିଡିଂ ପ୍ରାଇସ୍ ରଖାଯାଇଥାଏ। ଏହା ସତ୍ତ୍ୱେ ଯଦି ନିଲାମ ନିର୍ଦ୍ଧାରିତ ବିଡିଂ ପ୍ରାଇସ୍‌ଠାରୁ କମ୍ ହୁଏ, ତେବେ ଆଲୋଚନା କରି ଏକ ନିର୍ଦ୍ଧାରିତ ମୂଲ୍ୟରେ ଚୁକ୍ତିନାମା କରି ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଥାଏ। ହେଲେ ସମସ୍ତ ନିୟମ ଉଲ୍ଲଂଘନ କରାଯାଇ ଜଣେ ବ୍ୟକ୍ତିଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ୪ବର୍ଷ ପୂର୍ବର ନିର୍ଦ୍ଧାରିତ ଟଙ୍କାଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା କମ୍‌ରେ ନିଲାମ ଦିଆଯାଇଥିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନିୟମ ଅନୁଯାୟୀ ପୌରାଧ୍ୟକ୍ଷାଙ୍କ ଅନୁମୋଦନ ପରେ ନିଲାମ ପ୍ରକ୍ରିୟା କାଉନ୍ସିଲରେ ପାରିତ ହେବା ଆବଶ୍ୟକ। ଏହି ଘଟଣା କାଉନ୍ସିଲରମାନେ କିଭଳି ଜାଣିପାରିଲେ ନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଗଲେ ବହୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୂର୍ବତନ ନଗରପାଳ କହିଛନ୍ତି।

ସୂଚନାଯୋଗ୍ୟ, ନିକଟରେ ପୌର ପରିଷଦ ବୈଠକରେ ଟେଣ୍ଡର ଫିକ୍ସିଂକୁ ନେଇ ତୁମ୍ବିତୋଫାନ ହୋଇଥିଲା। ଏହାକୁ ନେଇ ଶାସକ ଦଳର କାଉନ୍ସିଲରମାନେ ଆପତ୍ତି ଉଠାଇଥିଲେ। ଫଳରେ ଟେଣ୍ଡର ବାତିଲ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ସୂଚନା ଦେଇଥିଲେ।

# ରେଜିଷ୍ଟରରେ ଆଗୁଆ ଦସ୍ତଖତ କରି ଛୁ'

କାମାକ୍ଷାନଗର, ୨୭।୪(ଡି.ଏନ୍.ଏ.)

- ସକାଳୁଆ ଅଫିସ, ଆସୁନାହାନ୍ତି କର୍ମଚାରୀ
- ଅନିୟମିତତା ଧରିଲେ ସହକାରୀ ଜିଲାପାଳ

ଅସହ୍ୟ ଗ୍ରୀଷ୍ମପ୍ରବାହରେ ରାଜ୍ୟବାସୀ ଆଉଟୁପାଉଟୁ ହେଉଥିବାବେଳେ ସରକାରଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ସକାଳୁଆ ଅଫିସ। ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ଅଧିକାଂଶ କାର୍ଯ୍ୟାଳୟରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସୁ ନ ଥିବା ଦେଖିବାକୁ ମିଳୁଛି। ଏପରି କି ରେଜିଷ୍ଟରରେ ଆଗୁଆ ଦସ୍ତଖତ କରି ସେମାନେ କାମରେ ଠକେଇ କରୁଥିବା ଜଣାପଡ଼ିଛି। ଖୋଦ୍ ସହକାରୀ ଜିଲାପାଳ ଏଭଳି ଅନିୟମିତତା ଧରିଛନ୍ତି।

ସକାଳୁଆ ଅଫିସ ସମୟ ୭ଟାରୁ ଅପରାହ୍ନ ୧ଟାଯାଏ ନିର୍ଦ୍ଧାରିତ କରାଯାଇଛି। ଲୋକଙ୍କୁ ସେବା ଯୋଗାଇଦେବା ଲାଗି ଚା', ପାନୀୟ ବିରତି ମଧ୍ୟ ରଖାଯାଇନାହିଁ। ହେଲେ କାମାକ୍ଷାନଗର ଉପଖଣ୍ଡରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଧିକାଂଶ ଅଫିସରେ କର୍ମଚାରୀଙ୍କ ଅନୁପସ୍ଥିତି ବଢ଼ିବାରେ ଲାଗିଛି। ଏଭଳି ଅଭିଯୋଗ ଆସିବା ପରେ ଗତ ୧୫ ତାରିଖ ସକାଳ ୮ଟାରେ ସହକାରୀ ଜିଲାପାଳ ଦୀପକ ମିଶ୍ର କାମାକ୍ଷାନଗର ବିଡିଓଙ୍କ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ସେତେବେଳେ ମୋଟ ୮ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୩ଜଣ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସହକାରୀ ଜିଲାପାଳ ମିଶ୍ର ଉପଜିଲାପାଳ ଜ୍ୟୋତିଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିଖିତ ଆକାରରେ ଜଣାଇଥିଲେ। ଅନୁପସ୍ଥିତ ରହିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉପଜିଲାପାଳ ବିଡିଓଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଅନ୍ୟତମ ସହକାରୀ ଜିଲାପାଳ ମଦନମୋହନ ଜେନା ଉପଖଣ୍ଡ କାର୍ଯ୍ୟାଳୟରେ ଚାଲିଥିବା କଣ୍ଟ୍ରୋଲରୁମ୍‌ର ରେଜିଷ୍ଟର ଯାଞ୍ଚ କରିଥିଲେ। କେତେଜଣ କର୍ମଚାରୀ ଉକ୍ତ ରେଜିଷ୍ଟରରେ ଆଗୁଆ ଦସ୍ତଖତ କରିଥିବା ଜଣାପଡ଼ିଥିଲା। ଏଭଳି ଅନିୟମିତତା ସମ୍ପର୍କରେ ସେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତାକୁ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ସମସ୍ତ କାର୍ଯ୍ୟାଳୟରେ ଅଚାନକ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରାଯିବ ବୋଲି ଉଭୟ ସହକାରୀ ଜିଲାପାଳ ସୂଚନା ଦେଇଛନ୍ତି।

# ୪ ଅଧିକାରୀ ପୁରସ୍କୃତ

ଢେଙ୍କାନାଳ ଅଫିସ, ୨୭।୪

**ଓଡ଼ିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତା**

ଓଡ଼ିଆ ଭାଷାର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ ୧୫ରୁ ୨୧ ତାରିଖ ଯାଏ ପାଳିତ ହେଉଛି ଓଡ଼ିଆ ଭାଷା ସପ୍ତାହ। ଏହି ଉପଲକ୍ଷେ ଢେଙ୍କାନାଳ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗତ ୧୯ ତାରିଖରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ 'ଓଡ଼ିଶାର ସାମଗ୍ରିକ ବିକାଶରେ ଓଡ଼ିଆ ଭାଷାର ଭୂମିକା ପ୍ରଣିଧାନଯୋଗ୍ୟ' ଶୀର୍ଷକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟିକା ପ୍ରଦୀପ୍ତାରାଣୀ ଶତପଥୀ ପ୍ରଥମ, ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ ଦ୍ୱିତୀୟ, ଜିଲା କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ସିଂ ତୃତୀୟ ଏବଂ ଅନ୍ୟତମ ବରିଷ୍ଠ ରାଜସ୍ୱ ସହାୟିକା ଦେବଦର୍ଶିନୀ ସ୍ୱାଇଁ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।



ପୁରସ୍କୃତ ହୋଇଥିବା ଅଧିକାରୀମାନେ।

# ହାତୀ ନ ଥାଇ ବାଜୁଛି ସାଇରନ୍



୫୫ନଂ. ଜାତୀୟ ରାଜପଥ କଡରେ ଲଗାଯାଇଥିବା ସାଇରନ୍।

ଢେଙ୍କାନାଳ ଅଫିସ, ୨୭।୪

ହାତୀଙ୍କ ଉପସ୍ଥିତି ନାହିଁ। ତଥାପି ମନକୁ ମନ ବାଜୁଛି ସାଇରନ୍। ହାତୀ ଥିବା ଭୟରେ ଯାନବାହନ, ଯାତ୍ରୀ ଅଯଥାରେ ଅଟକି ରହୁଛନ୍ତି, ଯାହାକୁ ନେଇ ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୫୫ନଂ. ଜାତୀୟ ରାଜପଥର ଅଧିକାଂଶ ସ୍ଥାନରେ ହାତୀ ଚଳପ୍ରଚଳ କରୁଛନ୍ତି। ପଥଚାରୀ ଏବଂ ଯାନବାହନ ଚାଳକଙ୍କୁ ଏ ନେଇ ସତର୍କ କରାଇବା ଉଦ୍ଦେଶ୍ୟରେ ପାଲଲହଡ଼ାର ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରସ୍ତୁତ ସାଇରନ୍ ଏବଂ ସତର୍କ ସଙ୍କେତ ଦେଉଥିବା ଲାଇଟ୍ ସଦର ଥାନା ଅନ୍ତର୍ଗତ ତେନ୍ତୁଳିଆପଡା ନିକଟରେ ରାଜପଥ କଡ଼ରେ ଲଗାଯାଇଥିଲା। ହାତୀପଲ ରାଜପଥ ଉପରକୁ ଆସିଲେ ସାଇରନ୍ ଆପଣାଛାଏ ବାଜୁଥିଲା। ଏଥିସହ ନାଲିବତି ଜଳି ଉଠୁଥିଲା। ହେଲେ ଗୁରୁବାର ହାତୀଙ୍କ ଉପସ୍ଥିତି ନ ଥିବା ସତ୍ତ୍ୱେ ଉକ୍ତ ସାଇରନ୍ ଆପେଆପେ ବାଜିଉଠିବା ସହ ନାଲି ଲାଇଟ୍ ଜଳୁଥିବା ଦେଖିବାକୁ ମିଳିଥିଲା। ଫଳରେ ଯାନବାହନ ଚାଳକ ଭୟଭୀତ ହୋଇ ଗାଡ଼ି ଅଟକାଇ ଦେଉଥିଲେ। ଏଭଳି ବୈଷୟିକ ତ୍ରୁଟି ସମ୍ପର୍କରେ ବନ କର୍ମଚାରୀଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁମିତ କର କୁହନ୍ତି, ବର୍ଷା ଯୋଗୁ ପାଣି ପଶିଯାଇଥିବାରୁ ଏଭଳି ସମସ୍ୟା ଉପୁଜି ଥାଇପାରେ। ଏ ନେଇ କୌଣସି ସୂଚନା ନାହିଁ। ତଥାପି କ'ଣ ହୋଇଛି ଅନୁଧ୍ୟାନ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

# ହନୁମାନ ବାଟିକାରେ ଯଜ୍ଞ

ଢେଙ୍କାନାଳ ଅଫିସ, ୨୭।୪

ଢେଙ୍କାନାଳ ଦୁର୍ଗାବଜାରସ୍ଥିତ ବସ୍‌ଷ୍ଟାଣ୍ଡ ହନୁମାନ ବାଟିକାର ପଞ୍ଚଦଶ ବାର୍ଷିକ ଉତ୍ସବ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃରେ ମଙ୍ଗଳ ଆଳତି, ମାଜଣା, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, ମଣ୍ଡଳ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଭଜନ ସମାରୋହରେ ଅଞ୍ଚଳର କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ପୂଜକ ଅମରେନ୍ଦ୍ର ନନ୍ଦ, ନିତ୍ୟ ପୂଜକ ନଗେନ ନନ୍ଦ, କର୍ତ୍ତା ରୁଦ୍ରନାରାୟଣ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାଜୀବଲୋଚନ ସିଂଦେଓ ଉପସ୍ଥିତ ଥିଲେ।

କମିଟି ସଭାପତି ପୁଲକ ମିଶ୍ର, ସମ୍ପାଦକ ଶୁଭେନ୍ଦୁ ଶତପଥୀ, ସନ୍ତୋଷ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅରୁଣ ବିଶ୍ୱାଳ, ପ୍ରଦୀପ ସାମଲଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ହନୁମାନ ବାଟିକାରେ ପୂଜା ପାଉଥିବା ମହାବୀର ହନୁମାନଙ୍କ ବିଗ୍ରହ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

ଢେଙ୍କାନାଳ ଅଫିସ, ୨୭।୪

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ବଳଦିଆବନ୍ଧଠାରେ ବୁଧବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟେଇକୋଳିଆର ସୁରେନ୍ଦ୍ର ଦାସ ଓରଫ ପିଣ୍ଟୁ। ସୁରେନ୍ଦ୍ର ବ୍ୟକ୍ତିଗତ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ବଳଦିଆବନ୍ଧଠାରେ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ସଦର ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ଶନିଶ୍ଚର ଦେବଙ୍କ ପୀଠରେ ବାର୍ଷିକ ଯଜ୍ଞ

ଢେଙ୍କାନାଳ ଅଫିସ, ୨୭।୪

ଢେଙ୍କାନାଳ ମାଣ୍ଡବାସାହି ଟାଉନ୍‌ପ୍ଲାନିଂ ଛକରେ ପ୍ରତିଷ୍ଠିତ ଶ୍ରୀ ଶନିଶ୍ଚର ଦେବଙ୍କ ପୀଠର ୧୩ତମ ବାର୍ଷିକ ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅପରାହ୍ନରେ ଘଟ ସ୍ଥାପନ ଲାଗି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ଗୀତାଯଜ୍ଞ ହେବ। ଶନିବାର ତୋଟା ଓଷା, ମହାଯଜ୍ଞ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏଥିସହ ସନ୍ଧ୍ୟାରେ ପ୍ରସାଦ ସେବନ ଏବଂ ଭଜନ ପରିବେଷଣ କରାଯିବ। ଦିବାକର ମିଶ୍ର, ନଗେନ୍ ନନା, ଶ୍ରୀବସ୍ତ ନନା, ଯଜ୍ଞେଶ୍ୱର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଶେଷଦେବ ସାହୁ ଓ ତାଙ୍କ ସହଧର୍ମିଣୀ ସୁଦୀପ୍ତୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି।



ଶନିଶ୍ଚର ଦେବଙ୍କ ଘଟ ସ୍ଥାପନ ଉପଲକ୍ଷେ କଳସଯାତ୍ରା।

# ୨୦ଦିନ ବିତିଲା, ସମାଧାନର ବାଟ ଫିଟୁନି

**ଦ୍ୱନ୍ଦ୍ୱରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର**

ଢେଙ୍କାନାଳ ଅଫିସ, ୨୭।୪



କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ।

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଯୁକ୍ତ ୨ ପ୍ରଥମ ବର୍ଷର ୫୧ ପିଲା ଫେଲ୍ ହେବା ପ୍ରତିବାଦରେ ଛାତ୍ର, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ଘଟଣାକୁ ଦୀର୍ଘ ୨୦ଦିନ ବିତିଯାଇଥିଲେ ମଧ୍ୟ ସମାଧାନ ବାଟ ବାହାରୁନାହିଁ। ଫଳରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଦ୍ୱନ୍ଦ୍ୱରେ ଅଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ୩-୪ଜଣ ଠିକା ଅତିଥି ଶିକ୍ଷକଙ୍କ ମାଧ୍ୟମରେ ପାଠପଢ଼ା ଯାଉଛି। ତରବରିଆ ଭାବେ କୋର୍ସ ଶେଷ କରାଯାଇଥିବାରୁ ପିଲାମାନଙ୍କ ପରୀକ୍ଷା ଫଳ ଖରାପ ହୋଇଥିଲା। ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏହାର ପ୍ରତିବାଦରେ ସମ୍ପୃକ୍ତ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାର ୧୨ଦିନ ପରେ ୪ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲଙ୍କୁ କହିବା ପରେ ଆନ୍ଦୋଳନ ହଟିଥିଲା। ହେଲେ ସ୍କୁଲ କର୍ତ୍ତୃପକ୍ଷ କୌଣସି ନିଷ୍କର୍ଷରେ ନ ପହଞ୍ଚି ପାରିବାରୁ ଅଭିଭାବକମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ସମସ୍ୟା ସମାଧାନର ବାଟ ବାହାରିନାହିଁ। ଇତିମଧ୍ୟରେ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଛି। ଅକୃତକାର୍ଯ୍ୟ ହୋଇଥିବା ପିଲାମାନେ ଏବେ କ'ଣ କରିବେ ସେ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ପଷ୍ଟ କରୁନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିବା ଅଭିଭାବକମାନେ କହିଛନ୍ତି। ସମସ୍ୟାର ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରଦ୍ୟୁମ୍ନ ନାୟକ, ସତ୍ୟବାନ ପରିଡ଼ା, ଅଜୟ ବେହେରା, ସୁଷମା ସାମଲ, ବିଷ୍ଣୁପ୍ରିୟା ରାଉତ, ବେବିନା ସିଠ, ସୁଜାତା ମଞ୍ଜରୀ ସିଠ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେମାନେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର କମିଶନରଙ୍କୁ ଜଣାଇଥିବା କହିଛନ୍ତି।

